# କଟକ ମହାନଗର ନିଗମର ସ୍ୱତନ୍ତ୍ର ବୈଠକ ବିବରଣୀ

**ତା. ୨୬.୦୯.୨୦୧୮ ରିଖ , ସମୟ : ପୂର୍ବାହ୍ନ - ୧୧.୦୦ ଘଟିକା,**

**ସ୍ଥାନ : ବିଶ୍ୱନାଥ ପଣ୍ଡିତ ସମ୍ମିଳନୀ କକ୍ଷ**

ଅଦ୍ୟ ତା ୨୬.୦୯.୨୦୧୮ ରିଖ ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ କଟକ ମହାନଗର ନିଗମର ସ୍ୱତନ୍ତ୍ର ଅଧିବେଶନ ନିଗମ ସଭାଗୃହରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ନିଗମର ମାନ୍ୟବର ମେୟର ଶ୍ରୀଯୁକ୍ତା ମୀନାକ୍ଷୀ ବେହେରା ସଭାପତିତ୍ୱ କରିଥିଲେ ।

## ଉପସ୍ଥିତ ସଭ୍ୟ / ସଭ୍ୟା

**ସର୍ବଶ୍ରୀ**

| | | |
|---|---|---|
| ୧. | ଶ୍ରୀଯୁକ୍ତ ଅଜୟ କୁମାର ବାରିକ, | ଡେପୁଟି ମେୟର, ୱାର୍ଡ଼ ନଂ-୩୬ |
| ୨. | ଶ୍ରୀଯୁକ୍ତ ଚିତ ରଞ୍ଜନ ଦାସ | କର୍ପୋରେଟର, ୱାର୍ଡ଼ ନଂ. – ୦୧ |
| ୩. | ସୁଶ୍ରୀ ଇତିଶ୍ରୀ ବେହେରା, | କର୍ପୋରେଟର, ୱାର୍ଡ଼ ନଂ. – ୦୨ |
| ୪. | ସୁଶ୍ରୀ ସେବତୀ ମାଝି | କର୍ପୋରେଟର, ୱାର୍ଡ଼ ନଂ. – ୦୩ |
| ୫. | ଶ୍ରୀଯୁକ୍ତା ଗିରିବାଳା ବେହେରା | କର୍ପୋରେଟର, ୱାର୍ଡ଼ ନଂ. – ୦୪ |
| ୬. | ଶ୍ରୀଯୁକ୍ତା ସୁପ୍ରିୟା ରାଉତ | କର୍ପୋରେଟର, ୱାର୍ଡ଼ ନଂ. – ୦୫ |
| ୭. | ଶ୍ରୀଯୁକ୍ତା ସଞ୍ଜୁକ୍ତା ସାହୁ | କର୍ପୋରେଟର, ୱାର୍ଡ଼ ନଂ. – ୦୬ |
| ୮. | ସୁଶ୍ରୀ ରଞ୍ଜିତା ବିଶ୍ୱାଳ | କର୍ପୋରେଟର, ୱାର୍ଡ଼ ନଂ. – ୦୭ |
| ୯. | ଶ୍ରୀଯୁକ୍ତା ନମିତା ବାରିକ, | କର୍ପୋରେଟର, ୱାର୍ଡ଼ ନଂ. – ୦୮ |
| ୧୦. | ଶ୍ରୀଯୁକ୍ତ ବିକାଶ ରଞ୍ଜନ ବେହେରା | କର୍ପୋରେଟର, ୱାର୍ଡ଼ ନଂ. – ୦୯ |
| ୧୧. | ଶ୍ରୀଯୁକ୍ତ ଜ୍ଞାନ ରଞ୍ଜନ ସାଇଁ | କର୍ପୋରେଟର, ୱାର୍ଡ଼ ନଂ. – ୧୦ |
| ୧୨. | ଶ୍ରୀଯୁକ୍ତ ବିଜୟ ଦଳାଇ, | କର୍ପୋରେଟର, ୱାର୍ଡ଼ ନଂ. – ୧୧ |
| ୧୩. | ଶ୍ରୀଯୁକ୍ତ ଶିବ ପ୍ରସାଦ ଦଳାଇ, | କର୍ପୋରେଟର, ୱାର୍ଡ଼ ନଂ. – ୧୨ |
| ୧୪. | ସୁଶ୍ରୀ ପଦ୍ମା ଭୂୟାଁ | କର୍ପୋରେଟର, ୱାର୍ଡ଼ ନଂ. – ୧୩ |
| ୧୫. | ଶ୍ରୀଯୁକ୍ତା ଅଞ୍ଜୁଶ୍ରୀ ଜେନା | କର୍ପୋରେଟର, ୱାର୍ଡ଼ ନଂ. – ୧୪ |
| ୧୬. | ଶ୍ରୀଯୁକ୍ତା ଉଷାରାଣୀ ସାହୁ, | କର୍ପୋରେଟର, ୱାର୍ଡ଼ ନଂ. – ୧୫ |
| ୧୭. | ଶ୍ରୀଯୁକ୍ତ ରମଜାନ ଖାନ, | କର୍ପୋରେଟର, ୱାର୍ଡ଼ ନଂ. – ୧୬ |
| ୧୮. | ଶ୍ରୀଯୁକ୍ତା ଏ. ଶ୍ରୀଦେବୀ | କର୍ପୋରେଟର, ୱାର୍ଡ଼ ନଂ. – ୧୭ |
| ୧୯. | ଶ୍ରୀଯୁକ୍ତ ଅରୁଣ କୁମାର ସେଠୀ | କର୍ପୋରେଟର, ୱାର୍ଡ଼ ନଂ. – ୧୮ |
| ୨୦. | ସୁଶ୍ରୀ ଚାରୁଲତା ସାହୁ | କର୍ପୋରେଟର, ୱାର୍ଡ଼ ନଂ. – ୧୯ |
| ୨୧. | ଶ୍ରୀଯୁକ୍ତ ଅଜୟ ସାହୁ | କର୍ପୋରେଟର, ୱାର୍ଡ଼ ନଂ. – ୨୦ |
| ୨୨. | ସୁଶ୍ରୀ ଗୌରୀ ଦାସ | କର୍ପୋରେଟର, ୱାର୍ଡ଼ ନଂ. – ୨୧ |
| ୨୩. | ଶ୍ରୀଯୁକ୍ତା ଅନିତା ନାୟକ | କର୍ପୋରେଟର, ୱାର୍ଡ଼ ନଂ. – ୨୨ |
| ୨୪. | ଶ୍ରୀଯୁକ୍ତ ସେକ୍ ସମିମ୍ ଉଲ୍ଲା | କର୍ପୋରେଟର, ୱାର୍ଡ଼ ନଂ. – ୨୩ |
| ୨୫. | ଶ୍ରୀଯୁକ୍ତ ରଞ୍ଜନ କୁମାର ବିଶ୍ୱାଳ | କର୍ପୋରେଟର, ୱାର୍ଡ଼ ନଂ. – ୨୪ |
| ୨୬. | ଶ୍ରୀଯୁକ୍ତା ପାରୁଲ ଜୟସାଲ | କର୍ପୋରେଟର, ୱାର୍ଡ଼ ନଂ. – ୨୫ |

| | | |
|---|---|---|
| ୨୭. | ଶ୍ରୀଯୁକ୍ତା କାଂଚନ ଦାସ | କର୍ପୋରେଟର, ୱାର୍ଡ଼ ନଂ. – ୨୬ |
| ୨୮. | ଶ୍ରୀଯୁକ୍ତା ଇତିଶ୍ରୀ ଦାସ, | କର୍ପୋରେଟର, ୱାର୍ଡ଼ ନଂ. – ୨୭ |
| ୨୯. | ଶ୍ରୀଯୁକ୍ତା ବୈଶାଳୀ ବେହେରା | କର୍ପୋରେଟର, ୱାର୍ଡ଼ ନଂ. – ୨୮ |
| ୩୦. | ଶ୍ରୀଯୁକ୍ତା ମଞ୍ଜୁଲତା ପୃଷ୍ଟି, | କର୍ପୋରେଟର, ୱାର୍ଡ଼ ନଂ. –୨୯ |
| ୩୧. | ସୁଶ୍ରୀ ନମିତା ଦାସ, | କର୍ପୋରେଟର, ୱାର୍ଡ଼ ନଂ. – ୩୦ |
| ୩୨. | ଶ୍ରୀଯୁକ୍ତ ବିଜୟ କୁମାର ସାହୁ | କର୍ପୋରେଟର, ୱାର୍ଡ଼ ନଂ. – ୩୧ |
| ୩୩. | ଶ୍ରୀଯୁକ୍ତା ତଅପୋଇ ଦେଇ @ ସେଠୀ | କର୍ପୋରେଟର, ୱାର୍ଡ଼ ନଂ. – ୩୨ |
| ୩୪. | ଶ୍ରୀଯୁକ୍ତ ମନୋଜ କୁମାର ସେଠୀ, | କର୍ପୋରେଟର, ୱାର୍ଡ଼ ନଂ. – ୩୩ |
| ୩୫. | ଶ୍ରୀଯୁକ୍ତା ନମିତା ମଂଜରୀ ସାହୁ | କର୍ପୋରେଟର, ୱାର୍ଡ଼ ନଂ. – ୩୪ |
| ୩୬. | ଶ୍ରୀଯୁକ୍ତା ଦିପାଳୀବାଳା ଭୂୟାଁ | କର୍ପୋରେଟର, ୱାର୍ଡ଼ ନଂ. – ୩୫ |
| ୩୭. | ଶ୍ରୀଯୁକ୍ତ ଧର୍ମାନନ୍ଦ ପାତ୍ର, | କର୍ପୋରେଟର, ୱାର୍ଡ଼ ନଂ. – ୩୭ |
| ୩୮. | ଶ୍ରୀଯୁକ୍ତ ଅନିଲ ନିଳାଦ୍ରୀ , | କର୍ପୋରେଟର, ୱାର୍ଡ଼ ନଂ. – ୩୮ |
| ୩୯. | ଶ୍ରୀଯୁକ୍ତା ସୁଲୋଚନା ସେଠୀ | କର୍ପୋରେଟର, ୱାର୍ଡ଼ ନଂ. – ୩୯ |
| ୪୦. | ଶ୍ରୀଯୁକ୍ତ ଜୟଦେବ ଜେନା, | କର୍ପୋରେଟର, ୱାର୍ଡ଼ ନଂ. – ୪୦ |
| ୪୧. | ଶ୍ରୀଯୁକ୍ତ ହେମନ୍ତ କୁମାର ବେହେରା, | କର୍ପୋରେଟର, ୱାର୍ଡ଼ ନଂ. – ୪୧ |
| ୪୨. | ସୁଶ୍ରୀ ପ୍ରମିଳା ମହାନ୍ତି | କର୍ପୋରେଟର, ୱାର୍ଡ଼ ନଂ. – ୪୩ |
| ୪୩. | ଶ୍ରୀଯୁକ୍ତା ଚିତ୍ରା ଖୁଣ୍ଟିଆ | କର୍ପୋରେଟର, ୱାର୍ଡ଼ ନଂ. – ୪୪ |
| ୪୪. | ଶ୍ରୀଯୁକ୍ତା ପ୍ରଳୟା ବେଉରା, | କର୍ପୋରେଟର, ୱାର୍ଡ଼ ନଂ. – ୪୬ |
| ୪୫. | ଶ୍ରୀଯୁକ୍ତା କବିତା ଖଣ୍ଡାୟୀ, | କର୍ପୋରେଟର, ୱାର୍ଡ଼ ନଂ. – ୪୭ |
| ୪୬. | ଶ୍ରୀଯୁକ୍ତ ନିରୋଦ ଚନ୍ଦ୍ର ପଣ୍ଡା, | କର୍ପୋରେଟର, ୱାର୍ଡ଼ ନଂ. – ୪୮ |
| ୪୭. | ଶ୍ରୀଯୁକ୍ତ ଦୟାନିଧି ନାୟକ, | କର୍ପୋରେଟର, ୱାର୍ଡ଼ ନଂ. – ୪୯ |
| ୪୮. | ଶ୍ରୀଯୁକ୍ତା ଦିପ୍ତି ପ୍ରଜ୍ଞା ମହାନ୍ତି, | କର୍ପୋରେଟର, ୱାର୍ଡ଼ ନଂ. – ୫୦ |
| ୪୯. | ଶ୍ରୀମତୀ ମମତା ବେହେରା | କର୍ପୋରେଟର, ୱାର୍ଡ଼ ନଂ. – ୫୧ |
| ୫୦. | ଶ୍ରୀଯୁକ୍ତ ହୃଷିକେଷ ପ୍ରଧାନ, | କର୍ପୋରେଟର, ୱାର୍ଡ଼ ନଂ. – ୫୨ |
| ୫୧. | ଶ୍ରୀଯୁକ୍ତ ପ୍ରଦୀପ କୁମାର ସାମନ୍ତରାୟ | କର୍ପୋରେଟର, ୱାର୍ଡ଼ ନଂ. – ୫୩ |
| ୫୨. | ଶ୍ରୀଯୁକ୍ତା ସୁରେଖା ସାମନ୍ତରାୟ | କର୍ପୋରେଟର, ୱାର୍ଡ଼ ନଂ. – ୫୪ |
| ୫୩. | ଶ୍ରୀଯୁକ୍ତ ବୈଦେଶ୍ୱର ପଣ୍ଡା | କର୍ପୋରେଟର, ୱାର୍ଡ଼ ନଂ. – ୫୫ |
| ୫୪. | ଶ୍ରୀଯୁକ୍ତ ସଂଜୟ କୁମାର ବରାଳ, | କର୍ପୋରେଟର, ୱାର୍ଡ଼ ନଂ. – ୫୬ |
| ୫୫. | ଶ୍ରୀଯୁକ୍ତ ଲଳିତ ଶେଖର ନାୟକ, | କର୍ପୋରେଟର, ୱାର୍ଡ଼ ନଂ. – ୫୭ |
| ୫୬. | ଶ୍ରୀଯୁକ୍ତା ରାଜକୁମାରୀ ସାଇଁ, | କର୍ପୋରେଟର, ୱାର୍ଡ଼ ନଂ. – ୫୮ |
| ୫୭. | ଶ୍ରୀଯୁକ୍ତ ପ୍ରମୋଦ କୁମାର ମହାପାତ୍ର | କର୍ପୋରେଟର, ୱାର୍ଡ଼ ନଂ. – ୫୯ |

## ଉପସ୍ଥିତ ପଦାଧିକାରୀ

| | | |
|---|---|---|
| ୧. | ଶ୍ରୀଯୁକ୍ତ ଶରତ ଚନ୍ଦ୍ର ନାୟକ | ଆୟୁକ୍ତ |
| ୨. | ଶ୍ରୀଯୁକ୍ତ ସୁବାଶ ଚନ୍ଦ୍ର ନାଥଶର୍ମା | ଯୁଗ୍ମ ଆୟୁକ୍ତ |
| ୩. | ଶ୍ରୀଯୁକ୍ତ ରାଧାକୃଷ୍ଣ ରାଉତ | ଉପ ଆୟୁକ୍ତ-୧ |

| | |
|---|---|
| ୪. ଶ୍ରୀଯୁକ୍ତ ବିଶ୍ୱନାଥ ଲେଙ୍କା | ପରିସଂଖ୍ୟାନ ଅଧିକାରୀ |
| ୫. ଶ୍ରୀଯୁକ୍ତ ଉମାକାନ୍ତ ଗଡ଼ନାୟକ | ନଗର ଯନ୍ତ୍ରୀ |
| ୬. ଡ଼ଃ ଉମେଶ ପାଣିଗ୍ରାହୀ | ନଗର ସ୍ୱାସ୍ଥ୍ୟ ଅଧିକାରୀ |
| ୭. ଶ୍ରୀଯୁକ୍ତ ମନୀସ ସରକାର | ନିର୍ବାହୀ ଯନ୍ତ୍ରୀ -୧ |
| ୮. ଶ୍ରୀଯୁକ୍ତ ଦିବ୍ୟ ରଞ୍ଜନ ତ୍ରିପାଠୀ | ଉପ ନିର୍ବାହୀ ଯନ୍ତ୍ରୀ |
| ୯. ଶ୍ରୀଯୁକ୍ତ ନନ୍ଦ କିଶୋର ପାଲ | ଉପ ନିର୍ବାହୀ ଯନ୍ତ୍ରୀ |
| ୧୦. ଶ୍ରୀଯୁକ୍ତ ମହେଶ ପ୍ରସାଦ ମିଶ୍ର | ସହକାରୀ ନିର୍ବାହୀ ଯନ୍ତ୍ରୀ |
| ୧୧. ଶ୍ରୀଯୁକ୍ତ ସୁଶାନ୍ତ କୁମାର ଭୂୟାଁ | ସହକାରୀ ଯନ୍ତ୍ରୀ |
| ୧୨. ଶ୍ରୀଯୁକ୍ତ ସଞ୍ଜୀବ କୁମାର ପ୍ରଧାନ | ସହକାରୀ ଯନ୍ତ୍ରୀ |
| ୧୩. ଶ୍ରୀଯୁକ୍ତ ଆଦିତ୍ୟ ନାରାୟଣ ମିଶ୍ର | କନିଷ୍ଠ ଯନ୍ତ୍ରୀ |
| ୧୪. ଶ୍ରୀଯୁକ୍ତ ବିପିନ୍ ବିହାରୀ ପ୍ରଧାନ | କନିଷ୍ଠ ଯନ୍ତ୍ରୀ |
| ୧୫. ଶ୍ରୀମତୀ ଗୀତାରାଣୀ ସାହୁ | କନିଷ୍ଠ ଯନ୍ତ୍ରୀ |
| ୧୬. ଶ୍ରୀଯୁକ୍ତ ପ୍ରଭାସଚନ୍ଦ୍ର ବିଶ୍ୱାଳ | କନିଷ୍ଠ ଯନ୍ତ୍ରୀ |
| ୧୭. ଶ୍ରୀଯୁକ୍ତ ପ୍ରତାପ କୁମାର ସାମଲ | କନିଷ୍ଠ ଯନ୍ତ୍ରୀ |
| ୧୮. ଶ୍ରୀଯୁକ୍ତ ଲଳିତେନ୍ଦୁ ନାୟକ | କନିଷ୍ଠ ଯନ୍ତ୍ରୀ |
| ୧୯. ଶ୍ରୀଯୁକ୍ତ ମନୋଜ କୁମାରା ଦେବତା | କନିଷ୍ଠ ଯନ୍ତ୍ରୀ |
| ୨୦. ସୁଶ୍ରୀ ସାଗତିକା ମହାନ୍ତି | କନିଷ୍ଠ ଯନ୍ତ୍ରୀ |
| ୨୧. ଶ୍ରୀଯୁକ୍ତ ଦେବାଶିଷ ପଟ୍ଟନାୟକ | ବିଡ଼ିଓ |
| ୨୨. ଶ୍ରୀଯୁକ୍ତ ସୁଶାନ୍ତ କୁମାର ଘଡ଼େଇ | ନିର୍ବାହୀ ଯନ୍ତ୍ରୀ, ଜନସ୍ୱାସ୍ଥ୍ୟ-୧ |
| ୨୩. ଶ୍ରୀଯୁକ୍ତ ଅମିୟ ରଂଜନ ସିହ୍ନା | ସହକାରୀ ଯନ୍ତ୍ରୀ, ରାସ୍ତା ଓ ଗୃହ ବିଭାଜନ-୧ |
| ୨୪. ଶ୍ରୀଯୁକ୍ତ ବିକ୍ରମ କେଶର ମିଶ୍ର | ପ୍ରକଳ୍ପ ନିର୍ଦ୍ଦେଶକ, ଜାଇକା |
| ୨୫. ଶ୍ରୀଯୁକ୍ତ ରାଜୀବ ଗୋୟଲ | ପିଏମ୍‌ସି, ଜାଇକା |
| ୨୬. ଶ୍ରୀଯୁକ୍ତ ସୁରେନ୍ଦ୍ର ପଣ୍ଡା | ଡ଼ିପିଓ, ଜାଇକା (ଡ୍ରେନେଜ) |
| ୨୭. ଶ୍ରୀଯୁକ୍ତ ଗୋଲଖ ବିହାରି ପଣ୍ଡା | ପିଏମ୍‌ସି, ଜାଇକା |
| ୨୮. ଶ୍ରୀଯୁକ୍ତ ଅଶୋକ ଚୌଧୁରୀ | ଡ଼ିପିଇ, ଜାଇକା |
| ୨୯. ଶ୍ରୀଯୁକ୍ତ ଦେବାଶିଷ ମହାନ୍ତି | ଏପିଇ, ଜାଇକା |
| ୩୦. ଶ୍ରୀଯୁକ୍ତ ବିଜୟ କୁମାର ପଣ୍ଡା | ଜାଇକା |
| ୩୧. ଶ୍ରୀଯୁକ୍ତ ଚମ୍ପେଶ୍ୱର ପ୍ରସାଦ ମେହେର | ଜାଇକା |
| ୩୨. ଶ୍ରୀଯୁକ୍ତ ମନୋଜ ରାଉତ | ଏଲ୍ ଆଣ୍ଡ ଟି |
| ୩୩. ଶ୍ରୀଯୁକ୍ତ ପିତାମ୍ବର ପ୍ରଧାନ | ସେସୁ |
| ୩୪. ଶ୍ରୀଯୁକ୍ତ ଇନ୍ଦ୍ରଜିତ ରାୟ | ଏସ୍‌ଡ଼ିଓ(ପି)-୩ |
| ୩୫. ଶ୍ରୀଯୁକ୍ତ କୃଷ୍ଣ ଚନ୍ଦ୍ର ପାଣିଗ୍ରାହୀ | ଓଟେଲ |
| ୩୬. ଶ୍ରୀଯୁକ୍ତ ତନ୍ମୟ ମିଶ୍ର, | ଶିଶୁଭବନ , ଉପଖଣ୍ଡ, ସେସୁ |
| ୩୭. ଶ୍ରୀଯୁକ୍ତ ମନୋଜ କୁମାର ସାହୁ | ଏସ୍‌ଡ଼ିଓ, ସେସୁ |
| ୩୮. ଶ୍ରୀଯୁକ୍ତ ହରେକୃଷ୍ଣ ମାଝୀ | ଉପଖଣ୍ଡ ଅଧକାରୀ, ସେସୁ, ବାଦାମବାଡ଼ି |
| ୩୯. ଶ୍ରୀଯୁକ୍ତ ଜୟପ୍ରକାଶ ଦାସ, | ସେସୁ, ମହାନଦୀ ବିହାର |
| ୪୦. ଶ୍ରୀଯୁକ୍ତ ମନୋଜ କୁମାର ମହାନ୍ତି | ହାଡ୍‌ଭେ |
| ୪୧. ଶ୍ରୀଯୁକ୍ତ ଶାସତ ପ୍ରିୟଦର୍ଶୀ ପାଢ଼ୀ | ଓପିଟିସିଏଲ୍ |
| ୪୨. ଶ୍ରୀଯୁକ୍ତ ଜୟ ବିକାଶ ବେହେରା | ଓପିଟିସିଏଲ୍ |
| ୪୩. ଶ୍ରୀଯୁକ୍ତ ସାଧନ ମହାନ୍ତି | ଓପିଟିସିଏଲ୍ |
| ୪୪. ଶ୍ରୀଯୁକ୍ତ ପ୍ରଦ୍ୟୋତ୍ତ କୁମାର ସାହୁ | କଟକ ସଦର ବ୍ଲକ |

୪୫. ଅନ୍ୟାନ୍ୟ ବିଭାଗର ଅଧିକାରୀ

ଏହି ବୈଠକରେ ଚୌଦ୍ୱାର କଟକ ବିଧାନ ସଭା ସଦସ୍ୟଙ୍କ ପ୍ରତିନିଧି ଶ୍ରୀଯୁକ୍ତ ଚୌଧୁରୀ ସୁବ୍ରତ ଘଡ଼ାଇ ଉପସ୍ଥିତ ଥିଲେ ।

ଅଧିବେଶନର ପ୍ରାରମ୍ଭରେ ମେୟର ତଥା ସଭାପତି ବୈଠକରେ ଉପସ୍ଥିତ ଥିବା ଡେ଼ପୁଟି ମେୟର, ସମସ୍ତ କର୍ପୋରେଟର ତଥା ଅଧିକାରୀଙ୍କୁ ସ୍ୱାଗତ କରିବା ସହ ଆସନ୍ତା ଦଶହରା କୁ କିଭଳି ଶାନ୍ତି ଶୃଙ୍ଖଳା ସହ ପାଳନ କରାଯିବ ସେ ଦିଗରେ ସମସ୍ତ ଅଧିକାରୀ, ଯନ୍ତ୍ରୀ ଏବଂ କର୍ମଚାରୀଙ୍କ କର୍ତ୍ତବ୍ୟ ବୋଲି ଅବିହିତ କରିଥିଲେ । ଜିଲ୍ଲାପାଳଙ୍କ ବୈଠକ ତଥା ପୂଜା କମିଟି ଏବଂ ଶାନ୍ତି କମିଟିରେ ଗ୍ରହଣ କରାଯାଇଥିବା ନିଷ୍ପତି ଅନୁଯାୟୀ କି' କି' ପଦକ୍ଷେପ ଗ୍ରହଣ କରାଯାଇଛି ସେ ସମ୍ପର୍କରେ ଜାଣିବାକୁ ଚାହିଁଥିଲେ । ବିଶେଷ କରି ମେଢ ଯିବା ସମୟରେ କୌଣସି ପ୍ରତିବନ୍ଧକ ଯେପରି ସୃଷ୍ଟି ନହୁଏ ସେଥିପ୍ରତି ସେସୁ ବିଭାଗ ଓ ବିଭିନ୍ନ କେବୁଲ କମ୍ପାନିମାନେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସତର୍କ ରହିବାକୁ ପରାମର୍ଶ ଦେଇଥିଲେ । ମେଢ ପରିଭ୍ରମଣ ସମୟରେ ରାସ୍ତାଘାଟ ମରାମତି ସମ୍ପର୍କରେ ସ୍ପଷ୍ଟିକରଣ ପ୍ରଦାନ କରି କହିଥିଲେ ଜିଲ୍ଲାପାଳଙ୍କ ନିଷ୍ପତି ତଥା କର୍ପୋରେଟର ମାନଙ୍କ ପ୍ରସ୍ତାବ ଅନୁଯାୟୀ ବିଭିନ୍ନ ବିଭାଗ ଗୁଡ଼ିକ ସାମୁହିକ ବିକାଶକୁ ଦୃଷ୍ଟିରେ ରଖି ଅକ୍ଟୋବର ୧୦ ତାରିଖ ସୁଦ୍ଧା ରାସ୍ତାଘାଟ ମରାମତି କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଦଶହରା ପୂର୍ବରୁ ବକେୟା ଥିବା ଏଲ୍ଇଡ଼ି ଲାଇଟ ଗୁ-ଡ଼ିକ ପ୍ରତ୍ୟେକ ଓ୍ୱାର୍ଡ଼ରେ ଲଗାଯିବା ଏବଂ ପୂର୍ବରୁ ଲଗାଯାଇଥିବା ଏଲ୍ଇଡ଼ି ଗୁଡ଼ିକ ଜଳୁନଥିବାରୁ ସେଗୁଡ଼ିକର ରକ୍ଷଣାବେକ୍ଷଣ ନିମନ୍ତେ ସମ୍ପୃକ୍ତ ଓ୍ୱାର୍ଡ଼ର ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପ୍ରତ୍ୟେକ ଓ୍ୱାର୍ଡ଼ରୁ ଦୁଇ ଓଳି ସଫେଇ କରାଯିବା ସହିତ ଅଳିଆ ପଏଣ୍ଟରୁ ପ୍ରତ୍ୟେକ ଦିନ ୪ ଟ୍ରାକ୍ଟର ଅଳିଆ ପରିବହନ ସହିତ ବ୍ଲିଚିଂ ଛିଂଚନ ବ୍ୟବସ୍ଥା କରାଯିବା ସହ ପ୍ରତ୍ୟେକ ପୂଜା ମଣ୍ଡପ ଗୁଡ଼ିକୁ ଚୁନ, ବ୍ଲିଚିଂ ଏବଂ ଡ଼ଷ୍ଟବିନ ଯୋଗାଇଦିଆଯିବା ନିମନ୍ତେ ସୂଚନା ଦେଇଥିଲେ ।

<u>**ଶ୍ରୀଯୁକ୍ତ ହୃଷିକେଶ ପ୍ରଧାନ, କର୍ପୋରେଟର, ଓ୍ୱାର୍ଡ ନଂ-୫୨ :**</u>

ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ ଦଶହରା ପାଳନ ଅବସରରେ ସାମୁହିକ କାର୍ଯ୍ୟ ଉପରେ ଗୁରୁତ୍ୱ ପ୍ରଦାନ କରି କହିଥିଲେ ଉନ୍ନତି ଯୋଜନା ଏବଂ ବିଭିନ୍ନ ବିଭାଗର କାର୍ଯ୍ୟ ତାଲିକା ସମସ୍ତ କର୍ପୋରେଟରମାନଙ୍କୁ ପ୍ରଦାନ କରାଯିବା ସହିତ କର୍ପୋରେଟର ମାନଙ୍କ ଓ୍ୱାର୍ଡ଼ ସମସ୍ୟାକୁ ଦୃଷ୍ଟିରେ ରଖାଯାଇ କାର୍ଯ୍ୟ କରାଯିବା ଉପରେ ଗୁରୁତ୍ୱାରୋପ କରିଥିଲେ । ନିଗମର ବିଭିନ୍ନ ଓ୍ୱାର୍ଡ଼ ଗୁଡ଼ିକରେ ଆଲୋକ ଠାରୁ ଆରମ୍ଭ କରି ପରିମଳ ପର୍ଯ୍ୟନ୍ତ ସବୁଥିରେ ସମସ୍ୟା ରହିଅଛି । ସମସ୍ତ ବିଭାଗର ଅଧିକାରୀମାନେ ବୈଠକରେ ଯୋଗଦେଇଥିବାରୁ ସମସ୍ତଙ୍କୁ ସାଧୁବାଦ ଜଣାଇଥିଲେ କିନ୍ତୁ ଜାତୀୟ ରାଜପଥ ମାର୍ଗ କର୍ତୃପକ୍ଷ ବୈଠକରେ ଉପସ୍ଥିତ ନାହାଁନ୍ତି । ଜାତୀୟ ରାଜପଥ କଡ଼ରେ ଥିବା ଓ୍ୱାର୍ଡ଼ ଗୁଡ଼ିକର ରାସ୍ତାଘାଟ ଏବଂ ଜଳ ନିଷ୍କାସନ ସମସ୍ୟା ଥିବା ବେଳେ କିଭଳି ଦଶହରା ପୂର୍ବରୁ ସମସ୍ୟାର ସମାଧାନ ହୋଇପାରିବ ବୋଲି ମାନ୍ୟବର ମେୟର ଏବଂ ଆୟୁକ୍ତଙ୍କୁ ପ୍ରଶ୍ନ କରିଥିଲେ । ପ୍ରମିଳା ମଣ୍ଡପଠାରୁ କଲ୍ୟାଣ ନଗର ପର୍ଯ୍ୟନ୍ତ ତଳ ରୋଡ଼ର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯାଇ ମରାମତି କରାଯିବା ନିମନ୍ତେ ଗୁରୁତ୍ୱରୋପ କରିଥିଲେ ।

**ଶ୍ରୀମତୀ ପାରୁଲ ଜୟସ୍ୱାଲ , କର୍ପୋରେଟର, ୱାର୍ଡ଼ ନଂ-୨୫ :**

ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ଦୀର୍ଘ ଅଢେଇ ବର୍ଷରୁ ଉର୍ଦ୍ଧ ହେବ ଜାଇକା ଦ୍ୱାରା ବେପାରିସାହି ଠାରୁ ବକ୍ସି ବଜାର ପର୍ଯ୍ୟନ୍ତ ଉଭୟ ଆଡୁ ମଝି ସ୍ଥାନରେ ଅଳ୍ପ ରାସ୍ତା ନିର୍ମାଣ କରାଯାଇନାହିଁ । ମିଥ୍ୟା ଆଳ ଦେଖାଇ କାର୍ଯ୍ୟ ସମ୍ପନ୍ନ କରୁନାହିଁ । ଉକ୍ତ ଅଂଚଳ ଜଳବନ୍ଦୀ ହେବ ବୋଲି ସୂଚାଇ ଦେଇଥିଲେ । ଉନ୍ନତି ଯୋଜନାରେ ଠାରୁ ଆରମ୍ଭ କରି ରାସ୍ତା ମରାମତି କାର୍ଯ୍ୟ ୱାର୍ଡ଼ର ସମସ୍ତ ଅଂଚଳ ଜିଲ୍ଲାପାଳଙ୍କ ବୈଠକରେ ସ୍ଥାନ ପାଇନଥିବାରୁ କର୍ପୋରେଟରଙ୍କ ପ୍ରସ୍ତାବକୁ ଗୁରୁତ୍ୱ ଦିଆଯାଇ ଦଶହରା ପୂର୍ବରୁ କାର୍ଯ୍ୟ ଶେଷ କରାଯିବାକୁ ପ୍ରସ୍ତାବ ଦେଇଥିଲେ । ଦଶହରା ପୂର୍ବରୁ ବକେୟା ଥିବା ଏଲ୍ଇଡ଼ି ଲାଇଟ ଗୁଡ଼ିକ ୱାର୍ଡ଼ରେ ଲଗାଯିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ ।

**ଶ୍ରୀଯୁକ୍ତ ବିଜୟ କୁମାର ସାହୁ, କର୍ପୋରେଟର, ୱାର୍ଡ଼ ନଂ-୩୧ :**

ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ପୂଜା କମିଟି , ଶାନ୍ତି କମିଟି ଏବଂ ନିଗମ ତଥା ଜିଲ୍ଲା ପ୍ରଶାସନ ସହିତ ଏକ ମିଳିତ ବୈଠକ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ହୋଇଥିଲା ଏବଂ ଜିଲ୍ଲାପାଳଙ୍କ ପତ୍ରାନୁଯାୟୀ ନିଗମର ରାସ୍ତାଘାଟ ମରାମତି ପାଇଁ ଯାହା ପ୍ରସ୍ତାବ ଆସିଥିଲା ସେଥି ମଧ୍ୟରୁ ନିଗମର ରାସ୍ତାଘାଟ କାର୍ଯ୍ୟ ନିଗମ କରିବା ଏବଂ ଅନ୍ୟ ରାସ୍ତା ଗୁଡ଼ିକ ଯେଉଁ ବିଭାଗ ଅଧିନରେ ଅଛି ତାହାକୁ ସମ୍ପୃକ୍ତ ବିଭାଗ ଦ୍ୱାରା ଦଶହରା ପୁର୍ବରୁ ଶେଷ କରାଯିବା ନିମନ୍ତେ ପଦକ୍ଷେପ ଗ୍ରହଣ କରାଯାଉ । ୱାର୍ଡ ଗୁଡ଼ିକର ଆବଶ୍ୟକୀୟ ସମ୍ପୂର୍ଣ୍ଣ ତାଲିକା କର୍ପୋରେଟରମାନଙ୍କୁ ପ୍ରଦାନ କରାଯିବା ନିମନ୍ତେ ମତବ୍ୟକ୍ତ କରିଥିଲେ । ବଜ୍ରକବାଟି ପୋଲ ଠାରୁ ଛତ୍ର ବଜାର ରାସ୍ତା ଜାଇକା ଦ୍ୱାରା ଖୋଳାଯାଇ ରାସ୍ତା ନିର୍ମାଣ କରାଯାଇନଥିବାରୁ ଦଶହରା ପୁର୍ବରୁ ଶେଷ କରିବାକୁ ପ୍ରସ୍ତାବ ଦେଇଥିଲେ । ସେହିପରି କେତେକ ବିଭାଗ ଗୁଡ଼ିକ ଦ୍ୱାରା ଅନେକ ରାସ୍ତା ମରାମତି ନିମନ୍ତେ ତାଲିକାରେ ସ୍ଥାନ ପାଇନଥିବାରୁ କର୍ପୋରେଟର ମାନେ କାର୍ଯ୍ୟ ତାଲିକା ୨ ଦିନ ମଧ୍ୟରେ ପ୍ରଦାନ କରିବା ପରେ ଯନ୍ତ୍ରୀ ବିଭାଗ ଦ୍ୱାରା ଖର୍ଚ୍ଚ ଅଟକଳ ପ୍ରସ୍ତୁତ କରି ଦଶହରା ପୂର୍ବରୁ କାର୍ଯ୍ୟ ଶେଷ କରିବାକୁ ପ୍ରସ୍ତାବ ଦେଇଥିଲେ ।

**ଶ୍ରୀମତୀ ଅନିତା ନାୟକ, କର୍ପୋରେଟର, ୱାର୍ଡ଼ ନଂ-୨୨ :**

ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ୱାର୍ଡ଼ର ଦାୟୀତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ମନଇଛା କାର୍ଯ୍ୟ କରୁଛନ୍ତି । ଫାଇଲରେ ଗୋଟିଏ କାର୍ଯ୍ୟର ନାମ ଅନୁମୋଦିତ ହୋଇଥିବା ବେଳେ ଅନ୍ୟସ୍ଥାନରେ କାର୍ଯ୍ୟ କରାଯାଉଛି, କାହା ନିର୍ଦ୍ଦେଶରେ ଏଭଳି କାର୍ଯ୍ୟ କରାଯାଉଛି । ତେଣୁ ତୁରନ୍ତ ଉକ୍ତ କନିଷ୍ଠ ଯନ୍ତ୍ରୀଙ୍କୁ ୱାର୍ଡ଼ରୁ ବଦଳୀ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

**ଶ୍ରୀଯୁକ୍ତ ରମଜାନ ଖାନ, କର୍ପୋରେଟର, ୱାର୍ଡ଼ ନଂ-୧୬ :**

ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ଜାଇକା, ଅମୃତ, ଓପିଟିସିଏଲ୍ କାର୍ଯ୍ୟ ପାଇଁ ଆମ୍ଭେମାନେ ବଦନାମ୍ ହେଉଛୁ । ଜନପ୍ରତିନିଧି ଭାବେ ଲୋକମାନେ ଆମ୍ଭମାନଙ୍କୁ ପ୍ରଶ୍ନ କରୁଛନ୍ତି । ପ୍ରତ୍ୟେକ ବିଭାଗ ଦ୍ୱାରା ସମନ୍ୱୟ ରକ୍ଷା କରାନଗଲେ ଦଶହରା ପୂର୍ବରୁ ସମସ୍ତ କାର୍ଯ୍ୟ ଶେଷ ହୋଇପାରିବ ନାହିଁ । ୱାର୍ଡ଼ରେ ଖରାପ ହୋଇଥିବା ଏଲଇଡ଼ି ଲାଇଟ ଗୁଡ଼ିକ ଦଶହରା ପୂର୍ବରୁ ମରାମତି କରାଯିବା ସହିତ ବକେୟା ଥିବା ଏଲଇଡ଼ି ଲାଇଟ ଗୁଡ଼ିକ ଲଗାଯିବା ନିମନ୍ତେ ପ୍ରସ୍ତାବ ଦେବା ସହ ଏଲ୍ଇଡ଼ି କାର୍ଯ୍ୟ ନେଇଥିବା ସଂସ୍ଥାକୁ ନେଇ ଏକ ବୈଠକ କରାଯାଇ ସମସ୍ୟାର ସମାଧାନ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

**ଶ୍ରୀଯୁକ୍ତ ରଂଜନ କୁମାର ବିଶ୍ୱାଳ, ଅଧ୍ୟକ୍ଷ, ପବ୍ଲିକ ହେଲଥ ଷ୍ଟାଣ୍ଡିଙ୍ଗ କମିଟି :**

ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ସମସ୍ତ ବିଭାଗର ଅଧିକାରୀମାନେ ବୈଠକରେ ଯୋଗଦେଇଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ। ଉକ୍ତ ବିଭାଗ ଦ୍ୱାରା ଦଶହରା ନିମନ୍ତେ କେଉଁ କେଉଁ କାର୍ଯ୍ୟର ଦାୟିତ୍ୱ ଦିଆଯାଇଛି ଏବଂ ସେ ବାବଦରେ କ'ଣ କ'ଣ ପଦକ୍ଷେପ ଗ୍ରହଣ କରିଛନ୍ତି ସେଥିପ୍ରତି ଧ୍ୟାନ ଦେବା ସହ ସାମୁହିକ ବିକାଶ କାର୍ଯ୍ୟ ଉପରେ ଗୁରୁତ୍ୱ ଦିଆଯାଉ । ୱାର୍ଡ଼ରେ ଅନେକ କାର୍ଯ୍ୟ କରିବାକୁ ଥିଲେ ମଧ୍ୟ ଦଶହରା ଉପଯୋଗୀ କାର୍ଯ୍ୟ ବିଷୟରେ ଗୁରୁତ୍ୱାରୋପ କରାଯାଉବୋଲି ମତବ୍ୟକ୍ତ କରିଥିଲେ ।

**ଶ୍ରୀଯୁକ୍ତ ମନୋଜ କୁମାର ସେଠୀ, ଅଧ୍ୟକ୍ଷ, ପ୍ଲାନିଂ ଆଣ୍ଡ ଡ଼େଭଲପମେଣ୍ଟ ଷ୍ଟାଣ୍ଡିଙ୍ଗ କମିଟି :**

ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ମଙ୍ଗଳାବାଗ ଛକରୁ କେଶରପୁର ପର୍ଯ୍ୟନ୍ତ ବୈଦ୍ୟୁତିକ ତାର ଝୁଲିକି ରହିଛି ।ସେଗୁଡ଼ିକ ଉଠାନଗଲେ ମେଢ କିଭଳି ଯାଇପାରିବ ।ତୁରନ୍ତ ତାହାକୁ ଉପରକୁ ଉଠାଇବାର ବ୍ୟବସ୍ଥା କରାଯାଉ ।କେଶରପୁର ଠାରୁ ଫ୍ରେଣ୍ଡସ କଲୋନୀ ଶିବ ମନ୍ଦିର ଦେଇ ବଜ୍ରକବାଟି ପୋଲି ପର୍ଯ୍ୟନ୍ତ ଜାଇକା ରୋଡ଼ ମରାମତି କରାନକଲେ ମେଢ ଯାଇପାରିବନାହିଁ ।ତେଣୁ ଅକ୍ଟୋବର ୧୦ ତାରିଖ ସୁଦ୍ଧା ଉକ୍ତ କାର୍ଯ୍ୟ ଶେଷ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

**ଶ୍ରୀଯୁକ୍ତା ଦିପାଳୀବାଳା ଭୂୟାଁ, କର୍ପୋରେଟର, ୱାର୍ଡ଼ ନଂ-୩୫ :**

ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ,ମେଡ଼ିକାଲ ରୋଡ଼ରେ ଅବସ୍ଥାପିତ ହୋଇଥିବା ମଡ଼େଲ ଷ୍ଟ୍ରିଟ ଲାଇଟ ଗୁଡ଼ିକ ଦୀର୍ଘ ୧୦ ମାସ ହେବ ଜଳୁନାହିଁ ।ଉକ୍ତ ସ୍ଥାନରେ ୩/୪ ଗୋଟି ଏଲ୍ଇଡ଼ି ଲାଇଟ ଲାଗିବାକୁ ଥିବା ବେଳେ କନିଷ୍ଠ ଯନ୍ତ୍ରୀ ଶ୍ରୀ ପ୍ରଭାସ ଚନ୍ଦ୍ର ବିଶ୍ୱାଳଙ୍କୁ ଯୋଗାଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ ।ଉକ୍ତ ସ୍ଥାନ ଏକ ଜନବହୁଳ ସ୍ଥାନ ହୋଇଥିବାରୁ ଯଥାଶିଘ୍ରଏଲ୍ଇଡ଼ି ମରାମତି କରାଯାଉ । ମେଡ଼ିକାଲ ରୋଡ଼ରେ ଦୀର୍ଘ ଦିନ ହେବ ପାର୍କ କାର୍ଯ୍ୟ ଚାଲୁଥିବାରୁ ଯଥାଶିଘ୍ର ଉକ୍ତ କାର୍ଯ୍ୟ ସମ୍ପନ୍ନ କରାଯାଉ । ୱାର୍ଡ଼ରେ ଦୁଇ ଓଳି ସଫେଇ କରାଯିବା ସହିତ ଆବଶ୍ୟକ ସୁଇପର ଯୋଗାଇଦିଆଯାଉ ।ନଳକୂପ ଗୁଡ଼ିକର ଚଟାଣ ଭାଙ୍ଗି ଯାଇଥିବାରୁ ଯଥାଶିଘ୍ର ସେଗୁଡ଼ିକ ମରାମତି କରାଯାଉ ।ୱାର୍ଡ଼ରେ ବହୁ ଗଛ ଡ଼ାଳ ରୋଡ଼ ଉପରକୁ ମାଡ଼ିଆସିଥିବାରୁ ଦଶହରାରେ ମେଢ ପରିକ୍ରମାରେ ବହୁ ଅସୁବିଧା ହେବ ତେଣୁ ତୁରନ୍ତ ସେଗୁଡ଼ିକୁ କଟାଯିବା ନିମନ୍ତେ ପଦକ୍ଷେପ ଗ୍ରହଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

**ଶ୍ରୀଯୁକ୍ତ ଅରୁଣ କୁମାର ସେଠୀ, କର୍ପୋରେଟର, ୱାର୍ଡ଼ ନଂ-୧୮ :**

ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ବାଲୁ ବଜାର ଠାରେ ଜୈନକ ସେଠୀଙ୍କ ଘର ଉପରେ ୧୧ କେ.ଭି. ଲାଇନ ଯାଇଛି ।ତେଣୁ ତାହାକୁ ତୁରନ୍ତ ଅପସାରଣ କରାଯାଉ । ଦଶହରା ଆସୁଥିବାରୁ ବାଲୁ ବଜାର, ଗଙ୍ଗା ମନ୍ଦିର, କାଜି ବଜାର, ମହିଦାସ ବଜାର, ଜଗନ୍ନାଥ ବଲ୍ଲଭ, ମେହେନ୍ଦିପୁର, ଆଦି ଅଂଚଳରେ ପାଣି ଜମୁଥିବାରୁ ଉକ୍ତ ଅଂଚଳ ଦେଇ ୬/୭ଟି ମେଢ ପରିଭ୍ରମଣ କରିବ ।ଏ ସବୁ ଅଂଚଳରେ ଅବସ୍ଥା ଅତ୍ୟନ୍ତ ଶୋଚନୀୟ, ଲୋକମାନେ ଘରୁ ବାହାରି ପାରୁନାହାଁନ୍ତି । ମଇଳା ପାଣିରେ କିଭଳି ମେଢଯିବ । ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଅକ୍ଟୋବାର ମାସ ୨ ତାରିଖରୁ ରାସନ ସାମଗ୍ରୀ ହିତାଧିକାରୀମାନଙ୍କୁ ପ୍ରଦାନ କରିବେ ବୋଲି ଘୋଷଣା କରିଥିଲେ । ଉକ୍ତ ଯୋଜନା ଦ୍ୱାରା ୱାର୍ଡ଼ରୁ ଅଧା ଲୋକ କାର୍ଡ଼

ପାଇପାରିବେ ନାହିଁ । ଫଳରେ ଅବସ୍ଥା କ'ଣ ହେବ ତାହା ସହଜେ ଅନୁମେୟ । ତେଣୁ ଅନୁଧ୍ୟାନ କରାଯାଇ ପଦକ୍ଷେପ ଗ୍ରହଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ । ୱାର୍ଡ଼ରେ ସଫେଇ କାର୍ଯ୍ୟ ଠିକ୍ ଭାବେ ହୋଇପାରୁନାହିଁ । ୱାର୍ଡ଼ରେ ମାତ୍ର ୩ ଜଣ କୁଲି ଅଛନ୍ତି କିଭଳି ଡ୍ରେନ ସଫେଇ କରାଯିବ । ତେଣୁ ୱାର୍ଡ଼କୁ ଅତିରିକ୍ତ ସୁଇପର ଏବଂ କୁଲି ୧ ମାସ ନିମନ୍ତେ ଯୋଗାଇଦେବା ସହିତ ଦୈନିକ ଅଳିଆ ପରିବହନ ନିମନ୍ତେ ଟ୍ରାକ୍ଟର, ବୁସ୍‌କଟର ଆଦି ଯୋଗାଇଦେବାକୁ ପ୍ରସ୍ତାବ ଦେଇଥିଲେ ।

**<u>ସୁଶ୍ରୀ ଇତିଶ୍ରୀ ବେହେରା, କର୍ପୋରେଟର, ୱାର୍ଡ଼ ନଂ-୦୨ :</u>**

ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ଏଲ୍‌ଇଡ଼ି ଲାଗିବା ପରେ ମାସ ମାସ ଧରି ଲାଇଟ ଜଳୁନାହିଁ ଯାହାଫଳରେ ୱାର୍ଡ଼ ଗୁଡ଼ିକ ଅନ୍ଧାରରେ ରହୁଛି । ତେଣୁ ରାସ୍ତାଘାଟ ମରାମତି ସହିତ ଏଲ୍‌ଇଡ଼ି ମରାମତି ଏବଂ ବକେୟା ଥିବା ସ୍ଥାନ ମାନଙ୍କରେ ଏଲ୍‌ଇଡ଼ି ଲାଇଟ ଲଗାଯିବା ନିମନ୍ତେ ପ୍ରଦକ୍ଷେପ ଗ୍ରହଣ କରାଯାଉ । ପରିମଳରେ କିଭଳି ସୁଧାର ଆସିପାରିବ । ଗାଡ଼ି ଆସୁନାହିଁ । ଅଳିଆ ପରିବହନ ହୋଇପାରୁନାହିଁ । କୁଲି ନାହାଁନ୍ତି । ତେଣୁ ଦଶହରା ନିମନ୍ତେ ଅତିରିକ୍ତ କୁଲି ଓ ସୁଇପର ଏକ ମାସ ନିମନ୍ତେ ଯୋଗାଇଦେବା ସହିତ ଦୈନିକ ୪ଟ୍ରିପ ଅଳିଆ ପରିବହନ ନିମନ୍ତେ ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

**<u>ଶ୍ରୀଯୁକ୍ତା ନମିତା ମଂଜରୀ ସାହୁ, କର୍ପୋରେଟର, ୱାର୍ଡ଼ ନଂ-୩୪ :</u>**

ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ଅମୃତ ଯୋଜନାରେ ସ୍ୱଛ ଜଳ ଯୋଗାଣ କାର୍ଯ୍ୟକ୍ରମରେ ରାସ୍ତା ଖୋଳି ପାଇପ୍ ବିଛାଇବା ପରେ ରାସ୍ତା ପକାନକରି ଛାଡ଼ି ଚାଲି ଯାଉଛନ୍ତି । ଖାଲ ଖମା ରାସ୍ତାରେ ଦୁର୍ଘଟଣା ଘଟୁଛି । ଦୁର୍ଘଟଣା ହେଲେ କ୍ଷତି ପୂରଣ କିଏ ଦେବ ବୋଲି ପ୍ରଶ୍ନ କରିଥିଲେ । ପାଣି ପାଇପ ଲାଇନ ନେବା ପାଇଁ ଜନସଚେତନତା କରାଗଲା ନାହିଁ କିମ୍ବା କର୍ପୋରେଟର ମାନଙ୍କୁ ଜଣାଗଲା ନାହିଁ । ବର୍ତମାନ ଫର୍ମ ମିଳୁନଥିବାରୁ ଲୋକମାନେ କିଭଳି ପାଣି ସଂଯୋଗ ପାଇପାରିବେ, ସେଥିପାଇଁ ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦେଇଥିଲେ । ମଙ୍ଗଳାବାଗ ଅଂଚଳ ରାସ୍ତା କରାଗଲେ ଏକ ମାସ ଯାଉନାହିଁ । ଏସ୍‌ସିବି ମେଡ଼ିକାଲ ରୋଡ଼ ମଙ୍ଗଳାବାଗ ଠାରୁ ବୋସ କଲେଜ ପର୍ଯ୍ୟନ୍ତ ଅକ୍ଟୋବର ୧୦ ତାରିଖ ମଧ୍ୟରେ ୩ ଗୋଟି ବିଭାଗ କାର୍ଯ୍ୟ ନକଲେ ଥାନା ଘେରାଉ କରାଯିବା ସହିତ ଜନ ଆନ୍ଦୋଳନ କରାଯିବ ବୋଲି ଚେତାଇଦେଇଥିଲେ । ୱାର୍ଡ଼ରେ ସଫେଇ କାର୍ଯ୍ୟ ନିମନ୍ତେ ଜନସଂଖ୍ୟା ଆଧାରରେ ସୁଇପର ଏବଂ କୁଲି ସଂଖ୍ୟା ବୃଦ୍ଧି କରାଯିବା ସହିତ ପ୍ରତ୍ୟେକ ଦିନ ୪ ଟ୍ରାକ୍ଟର ଅଳିଆ ଉଠାଯିବା ସହିତ ବୁସ୍ କଟର ଏବଂ ଟ୍ରଲି ଯୋଗାଇଦେବାକୁ ପ୍ରସ୍ତାବ ଦେଇଥିଲେ ।

**<u>ସୁଶ୍ରୀ ରଂଜିତ ବିଶ୍ୱାଳ, କର୍ପୋରେଟର, ୱାର୍ଡ଼ ନଂ-୦୭ :</u>**

ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ୱାର୍ଡ଼ରେ କେଉଁ କେଉଁ କାର୍ଯ୍ୟ ଗୁଡ଼ିକ ଅତ୍ୟନ୍ତ ଆବଶ୍ୟକ ରହିଛି ତାହା କର୍ପୋରେଟର ମାନଙ୍କ ପ୍ରସ୍ତାବ ଅନୁଯାୟୀ ଲିଖିତ ଭାବେ ପ୍ରଦାନ କରାଯିବା ପରେ ଉକ୍ତ ୱାର୍ଡ଼ର ଦାୟୀତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀଙ୍କ ଦ୍ୱାରା ଖର୍ଚ୍ଚ ଅଟକଳ କରାଯିବା ସହିତ ବିଭିନ୍ନ ବିଭାଗ ଦଶହରା ପୁର୍ବରୁ ଜିଲ୍ଲାପାଳଙ୍କ ତାଲିକା ଅନୁଯାୟୀ କାର୍ଯ୍ୟ ସାରିବା ପାଇଁ ପ୍ରସ୍ତାବ ଦେଇଥିଲେ । ଷ୍ଟେଟ ବ୍ୟାଙ୍କ କଲୋନୀରେ ପାଣି ପାଇପ ଫାଟି ରାସ୍ତାରେ ପାଣି ଚାଲୁଛି, ଫଳରେ ସମ୍ପୂର୍ଣ୍ଣ ରାସ୍ତା ଦବି ଯାଇଛି । ଦେଉଳ ସାହି ଠାରୁ ଗୋପାଳ ସାହି ମେଢ

କିଭଳି ଯାଇପାରିବ । ତେଣୁ ତୁରନ୍ତ ପାଣି ପାଇପକୁ ମରାମତି କରାଯାଇ । ଦେଉଳସାହି ଠାରୁ ବିଡ଼ାନାସୀ ରୋଡ଼ ଜାଇକା କାର୍ଯ୍ୟ କରିବା ପରେ ୨ ବର୍ଷ ଅତିବାହିତ ହୋଇଗଲାଣି, ଏ ବାବଦରେ ବାରମ୍ବାର ଲିଖିତ ଭାବେ ଜଣାଇଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ । ତେଣୁ ଅକ୍ଟୋବର ୧୦ ତାରିଖ ପୂର୍ବରୁ ଜାଇକାର ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇ କାର୍ଯ୍ୟ ଶେଷ କରାଯିବାକୁ ପ୍ରସ୍ତାବ ଦେଇଥିଲେ । ୱାର୍ଡ଼ରେ ସଫେଇ କାର୍ଯ୍ୟ ନିମନ୍ତେ ଜନସଂଖ୍ୟା ଆଧାରରେ ସୁଇପର ଯୋଗାଇଦେବା ନିମନ୍ତେ ପ୍ରସ୍ତାବ ପାରିତ ହୋଇଥିଲେ ମଧ୍ୟ ସୁଇପର ଯୋଗାଇଦିଆଯାଉନାହିଁ । ଦଶହରା ପୂର୍ବରୁ ୱାର୍ଡ଼ର ସଫେଇ କାର୍ଯ୍ୟ ନିମନ୍ତେ ଏକ ମାସ ବ୍ୟାପି ଅତିରିକ୍ତ ସୁଇପର ଯୋଗାଇଦେବା ନିମନ୍ତେ ପ୍ରସ୍ତାବ ଦେଇଥିଲେ ।

**ଶ୍ରୀଯୁକ୍ତ ଲଳିତ ଶେଖର ନାୟକ, କର୍ପୋରେଟର, ୱାର୍ଡ଼ ନଂ-୫୭ :**

ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ଉନ୍ନତି ଯୋଜନାରେ ସମସ୍ତ ୱାର୍ଡ଼ର କାର୍ଯ୍ୟ ବିଡ଼ିଓଙ୍କ ତତ୍ୱାବଧାନରେ କରାଯାଉଅଛି । ଯାହାବି କାର୍ଯ୍ୟ ସେ ତାଙ୍କ କନିଷ୍ଠ ଯନ୍ତ୍ରୀଙ୍କ ଦ୍ୱାରା କରାଉଛନ୍ତି । ନିଗମର କୌଣସି ଯନ୍ତ୍ରୀ ଉକ୍ତ କାର୍ଯ୍ୟକୁ ଅନୁଧ୍ୟାନ କରୁନାହାଁନ୍ତି । ତେଣୁ ସେ ସବୁ କାର୍ଯ୍ୟର ବିଲ୍ ପ୍ରଦାନ ପୂର୍ବରୁ ନିଗମ ଠାରୁ ଏନ୍‌ଓସି ନେବା ପରେ ଠିକାଦାରମାନଙ୍କର ବିଲ୍ ପ୍ରଦାନ କରାଯିବାକୁ ବିଡ଼ିଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

**ଶ୍ରୀଯୁକ୍ତ ପ୍ରଦୀପ କୁମାର ବେହେରା, ମାନ୍ୟବର କ୍ରିଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀଙ୍କ ପ୍ରତିନିଧି :**

ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ,ନିଗମ ଅନ୍ୟ ୱାର୍ଡ଼ ଗୁଡ଼ିକ ସହିତ ୱାର୍ଡ଼ ନଂ- ୫୬, ୫୭, ୫୮ ଏବଂ ୫୯ ୱାର୍ଡ଼ ଗୁଡ଼ିକସମକକ୍ଷ ହେବାକୁ ଗଲେ ଅନେକ କାର୍ଯ୍ୟ ବାକି ରହିଛି । ଉକ୍ତ ୱାର୍ଡ଼ ଗୁଡ଼ିକ ପରବର୍ତି ସମୟରେ ନିଗମରେ ଅର୍ନ୍ତଭୂକ୍ତ ହୋଇଛି । ତେଣୁ ଉକ୍ତ ୱାର୍ଡ଼ ଗୁଡ଼ିକୁ ସ୍ୱତନ୍ତ୍ର ସୁବିଧା ଯୋଗାଇ ଦେବା ନିମନ୍ତେ ମାନ୍ୟବର ମେୟର ଏବଂ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଆଗାମୀ ଦଶହରା ଓ ଭଷାଣିକୁ ଦୃଷ୍ଟିରେ ରଖାଯାଇ ଉକ୍ତ ୱାର୍ଡ଼ ଗୁଡ଼ିକରେ ଜାତୀୟ ରାଜପଥ ସହିତ ସଂଲଗ୍ନ ଗ୍ରାମ୍ୟ ରାସ୍ତା ଗୁଡ଼ିକର ସଂଯୋଗ ସ୍ଥଳରେ ବେଳେ ବେଳେ ଦୁର୍ଘଟଣା ଘଟୁଛି । ପୂର୍ବରୁ ସଂଯୋଗ ସ୍ଥଳ ଗୁଡ଼ିକ ଲେବୁଲ କରାନଗଲେ ମେଢ ପରିଭ୍ରମଣ କରିପାରିବ ନାହିଁ । ସେଥିପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯାଉ । ଉକ୍ତ ୱାର୍ଡ଼ ମେଢ ଗୁଡ଼ିକର ବିଷର୍ଜନ ନିମନ୍ତେ କାଠଯୋଡ଼ିରେ ଅସ୍ଥାୟୀ ପୋଖରୀ କରାଯିବା ସହ ପୋଖରୀକୁ ସଂଯୋଗ କରୁଥିବା ରାସ୍ତାର ପୁର୍ନଉଦ୍ଧାର କରାଯାଉ । ଗତ ଗଣେଶ ବିଷର୍ଜନ ସମୟରେ ଉକ୍ତ ଅସ୍ଥାୟୀ ପୋଖରୀ ନିକଟରେ କୌଣସି ଆଲୋକର ବ୍ୟବସ୍ଥା କରାଯାଇନଥିଲା । ତେଣୁ ଅକ୍ଟୋବର ୨୧ ତାରିଖରେ ଭଷାଣି ପାଳନ ହେବାକୁ ଥିବାରୁ ଉପରୋକ୍ତ ସମସ୍ୟା ଗୁଡ଼ିକ ନିର୍ଦ୍ଧାରିତ ସମୟ ପୁର୍ବରୁ ସମାଧାନ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

**ଶ୍ରୀଯୁକ୍ତ ବିକାଶ ରଂଜନ ବେହେରା, ଅଧ୍ୟକ୍ଷ, ଲାଇସେନ୍ସ ଆଣ୍ଡ ଅପିଲ ଷ୍ଟାଣ୍ଡିଙ୍ଗ କମିଟି :**

ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ ଦଶହରା ପରୀପ୍ରେକ୍ଷୀରେ ସମସ୍ତ ୫୯ ଗୋଟି ୱାର୍ଡ଼ରେ ବିଭନ୍ନ ବିଭାଗର କାର୍ଯ୍ୟ କରିବାକୁ ଥିବା ବେଳେ ସେଥିପ୍ରତି ଧ୍ୟାନ ଦିଆଯିବା ଆବଶ୍ୟକ । ଆର୍ ଆଣ୍ଡ ବି ବିଭାଗ କେବଳ ମୁଖ୍ୟରାସ୍ତା ଗୁଡ଼ିକ ଉପରେ ଧ୍ୟାନ କରୁଛି । ଗଳି କନ୍ଦିରେ ମଧ୍ୟ ମେଢ ଅଛି ଏବଂ ପରିଭ୍ରମଣ କରିବ । ତେଣୁ ଦଶହରା ଉପଯୋଗୀ ରାସ୍ତା ଘାଟକୁ ପ୍ରାଥମିକତା ଦିଆଯାଇ ସମସ୍ତ ବିଭାଗର ସମନ୍ୱୟରେ ତୁରନ୍ତ କାର୍ଯ୍ୟ କରାଯିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ । ଜାଇକା

କାର୍ଯ୍ୟ ଦ୍ୱାରା ଯେଉଁ ଚାମ୍ବର ନିର୍ମାଣ କରାଯାଇଛି, ସେ ଗୁଡ଼ିକ ଅନୁଧାନ କରାଯାଉ ନଚେତ ମେଢ ଯିବା ସମୟରେ ଭାଙ୍ଗିବ । ସେଥିରେ ସ୍ଲାବ ଡ଼ିଜାଇନ୍ ପରିବର୍ତନ କରାଯାଉ । ଉନ୍ନତି ଯୋଜନାରେ କାର୍ଯ୍ୟ ତାଲିକା ହସ୍ତଗତ ହୋଇଛି । ସେଥିରେ ଅନେକ ତ୍ରୁଟି ପରିଲକ୍ଷୀତ ହେଉଥିବାରୁ କର୍ପୋରେଟର ମାନଙ୍କ ସହ ଆଲୋଚନା କରାଯାଇ ତାଲିକାକୁ ସଂଶୋଧନ କରାଯାଉ । ସେଲଟର ଛକ ଠାରୁ ବାଉରୀ ସାହି ପର୍ଯ୍ୟନ୍ତ ରାସ୍ତା ଅତ୍ୟନ୍ତ ଶୋଚନୀୟ ଏବଂ କନିକା ଛକ ଠାରୁ ବିଜୁ ପଟନାୟକ ଛକ ପର୍ଯ୍ୟନ୍ତ ରାସ୍ତା ଆର୍ ଆଣ୍ଡ ବି ବିଭାଗ ଦ୍ୱାରା ତୁରନ୍ତ କରାଯାଉ । ଟିଭି ରୋଡ଼ ନିକଟରେ ମାଇକ୍ରୋ ଟର୍ନେଲ କାର୍ଯ୍ୟ ଦେଢ ବର୍ଷ ହେବ ସରିପାରିଲା ନାହିଁ । ଅଭିଯୋଗ କଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ । ଏଲ୍ଇଡ଼ି ଯୋଜନାରେ ୨୭ ହଜାର ଲାଇଟ ଲଗାଯାଇଥିଲେ ମଧ୍ୟ ଅର୍ଦ୍ଧାଧିକ ଲାଇଟ ଜଳୁନାହିଁ ଏବଂ ସମସ୍ତ କର୍ପୋରେଟର ଅସନ୍ତୋଷ ପ୍ରକାଶ କରୁଛନ୍ତି । ତେଣୁ ଦଶହରା ପୂର୍ବରୁ ଏହାକୁ ସମାଧାନ କରାଯାଇ । ଆଲାମଚାନ୍ଦ ବଜାର, କାଜି ବଜାର, ମହିଦାସ ବଜାର, ଭକ୍ତମଧୁ ବିଦ୍ୟାପୀଠ, ବାଲୁବଜାର ଆଦି ଅଂଚଳର ରାସ୍ତାରେ ବର୍ଷସାରା ନର୍ଦ୍ଦମା ପାଣି ଜମି ରହୁଛି । ସୁତାହାଟ କର୍ଲଭଟ ସଫେଇ କରିବାରେ ଯନ୍ତ୍ରୀମାନେ ଫେଲ ମାରିଛନ୍ତି । ଉକ୍ତ କର୍ଲଭଟ ଭଙ୍ଗାଯାଇ ଉଚ୍ଚା କରାଗଲେ ୪/୫ଟି ୱାର୍ଡ଼ର ଜଳ ନିଷ୍କାସନ ହୋଇପାରିବ । ନଚେତ୍ ଉକ୍ତ ଅଂଚଳର୭/୮ଟି ମେଢ ଯାଇପାରିବ ନାହିଁ । ନିଗମ ଅଂଚଳର ମୁଖ୍ୟ ରାସ୍ତା ଗୁଡ଼ିକରେ ସେସୁ କେବୁଲ କାର୍ଯ୍ୟ ୭ ଦିନ ମଧ୍ୟରେ ସମ୍ପନ୍ନ କରୁ, ପରେ ଅନ୍ୟ ରାସ୍ତା ଗୁଡ଼ିକରେ କେବୁଲ କାର୍ଯ୍ୟ କରିବ ନଚେତ ଦଶହରା ପୂର୍ବରୁ ଏଲ୍ଇଡ଼ି ଲାଗିପାରିବ ନାହିଁ ବୋଲି ସତର୍କ କରାଇଦେଇଥିଲେ । ଦଶହରା ଭସାଣୀରେ ଯେଉଁ ମୁଖ୍ୟ ରାସ୍ତା ଦେଇ ମେଢ ଗୁଡ଼ିକ ଯିବ ଉକ୍ତ ରାସ୍ତା ଗୁଡ଼ିକରେ କେବୁଲ ଗୁଡ଼ିକ ନିଗମର ସହକାରୀ ଯନ୍ତ୍ରୀ ଶ୍ରୀଯୁକ୍ତ ସୁଶାନ୍ତ କୁମାର ଭୂୟାଁ ଏବଂ କନିଷ୍ଠ ଯନ୍ତ୍ରୀ ଶ୍ରୀଯୁକ୍ତ ପ୍ରଭାସ ଚନ୍ଦ୍ର ବିଶ୍ୱାଳଙ୍କ ସହିତ ସମନ୍ୱୟ ରଖି ସେସୁ ଦ୍ୱାରା କେବୁଲ/ତାର ଉଠାଯିବା ପାଇଁ ପ୍ରସ୍ତାବ ଦେଇଥିଲେ । ଅକ୍ଟୋବର ମାସ ୧ ତାରିଖ ଠାରୁ ୩୧ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ୱାର୍ଡ଼ରୁ ୪ଟ୍ରାକ୍ଟର ଆବର୍ଜନ ପରିବହନ ନିମନ୍ତେ ଆବଶ୍ୟକୀୟ ଟ୍ରାକ୍ଟର ଏବଂ ୪ ଜଣ ଲେଖାଏଁ ଅତିରିକ୍ତ କୁଲି ଯୋଗାଇଦେବା ନିମନ୍ତେ ଘୋଷଣା କରାଯିବା ପାଇଁ ଆୟୁକ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

**ଶ୍ରୀଯୁକ୍ତା ଗିରିବାଳା ବେହେରା, କର୍ପୋରେଟର, ୱାର୍ଡ଼ ନଂ-୪ :**

ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, କାଠଯୋଡ଼ି ବିହାର ଠାରେ କେବଳ ଲାଇଟ ଲାଗିବ ଫୋନ କଲେ କେହି ଫୋନ ଉଠାଉନାହାଁନ୍ତି, କମ୍ପଲେନ୍ ନମ୍ବରରେ ମଧ୍ୟ କଲ କଲେ କେହି କଲ ଗ୍ରହଣ କରୁନାହାଁନ୍ତି । ନିମ୍ନମାନର ଏଲ୍ଇଡ଼ି ୱାର୍ଡ଼ର ବିଭିନ୍ନ ସ୍ଥାନରେ ଲାଗିବା ଫଳରେ ଲାଇଟ ଜଳୁନାହିଁ । ବିଭିନ୍ନ ପୂଜା ମଣ୍ଡପ ଗୁଡ଼ିକ ନିମନ୍ତେ ପାଣି ଟ୍ୟାଙ୍କର ଯୋଗେ ପାନୀ ଜଳ, ଡ଼ଷ୍ଟବିନ୍, ଚୂନ ଏବଂ ବ୍ଲିଚିଂ ଯୋଗାଇଦେବାକୁ ପ୍ରସ୍ତାବ ଦେଇଥିଲେ । ସିଡ଼ିଏ ଅଂଚଳରେ ଶୋଚନୀୟ ଅବସ୍ଥାରେ ଥିବା ରାସ୍ତା ଘାଟର ମରାମତି ଦଶହରା ପୂର୍ବରୁ କରାଯାଉ । ସହରରେ ପରିମଳ ବ୍ୟବସ୍ଥାରେ ସୁଧାର ଆଣିବା ନିମନ୍ତେ ପ୍ରତ୍ୟେକ ଦିନ ଦୁଇ ଓଳି ସଫେଇ କରାଯିବା ସହିତ ବ୍ରସ୍ କଟର ଯୋଗାଇଦେବାକୁ ପ୍ରସ୍ତାବ ଦେଇଥିଲେ । ବିଭିନ୍ନ ସ୍ଥାନରେ ଗଛଡ଼ାଳ ରାସ୍ତାକୁ ଆସିଥିବାରୁ ସେଗୁଡ଼ିକୁ କଟାଯାଉ । ଗତ ବୈଠକରେ ଆଲୋଚନା ଅନୁଯାୟୀ ଦଶହରାରେ ସଫେଇ କରଣ ବାବଦରେ ଅତିରିକ୍ତ କୁଲି ଯୋଗାଇଦେବା ନିମନ୍ତେ କ'ଣ କଣ ପଦକ୍ଷେପ ଗ୍ରହଣ କରାଯାଇଛି ତାହା ମାନ୍ୟବର ମେୟର ଏବଂ କମିଶନରଙ୍କ ଠାରୁ ଜାଣିବାକୁ ଚାହିଁଥିଲେ ।

**ଶ୍ରୀଯୁକ୍ତ ବିଜୟ ଦଳେଇ, କର୍ପୋରେଟର, ୱାର୍ଡ଼ ନଂ-୧୧ :**

ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ୱାର୍ଡ଼ରେ ରାସ୍ତା ନିର୍ମାଣ ପାଇଁ ୮ ଇଂଚ ମୋଟେଇ କରାଯିବା ନିମନ୍ତେ ନିୟମ ଥିବା ବେଳେ ୧ ଇଂଚ ମୋଟେଇ କଂକ୍ରିଟ ରାସ୍ତା କିଭଳି ଭାବେ କରାଯାଉଛି । ଏହାକୁ ଦିନରେ କରାନଯାଇ ରାତିରେ କରାଯାଉଛି । ସେଥିପ୍ରତି ଦୃଷ୍ଟି ଦିଆଯିବା ନିମନ୍ତେ ଦାବି ଉପସ୍ଥାପନା କରିଥିଲେ ।

**ଶ୍ରୀଯୁକ୍ତା ଅନିତା ନାୟକ, କର୍ପୋରେଟର, ୱାର୍ଡ଼ ନଂ-୨୨ :**

ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ବକ୍ସି ବଜାର ଧୋବିଲେନ, ପଙ୍କାପୋଲ ରାସ୍ତା ଅତ୍ୟନ୍ତ ଶୋଚନୀୟ । ଉକ୍ତ ରାସ୍ତାରେ ଆର୍ ଆଣ୍ଡ ବି ବିଭାଗ ଦ୍ୱାରା କରାଯିବାକୁ ଥିବା ବେଳେ ତାହାକୁ ଅକ୍ଟୋବର ୧୦ ତାରିଖ ମଧ୍ୟରେ ଶେଷ କରାଯିବାକୁ ନିର୍ଦ୍ଦେଶ ଦିଆଯାଉ । ଜେଲ ରୋଡ଼ରୁ ହାତୀପୋଖରୀ ଛକ ରୋଡ଼ ଆର୍ ଆଣ୍ଡ ବି ବିଭାଗ ଦ୍ୱାରା କରାଯିବାକୁ ଥିବା ବେଳେ ଉକ୍ତ ରାସ୍ତା ଦବି ଯାଇଛି । ତେଣୁ ଦଶହରା ପୁର୍ବରୁ ଉକ୍ତ ରାସ୍ତାକୁ ନିର୍ମାଣ କରାଯିବାକୁ ଦାବି ଉପସ୍ଥାପନା କରିଥିଲେ । ବିଭିନ୍ନ କେବୁଲ ଗୁଡ଼ିକ ଓହଳି ରହିଥିବାରୁ ମେଢ ଯିବାର ବହୁ ସମସ୍ୟା ସୃଷ୍ଟି ହେବ ତେଣୁ ଯଥାଶିଘ୍ର ପଦକ୍ଷେପ ଗ୍ରହଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

ଶ୍ରୀଯୁକ୍ତ ଶରତ ଚନ୍ଦ୍ର ନାୟକ, ଆୟୁକ୍ତ, ଗୃହରେ ଉପସ୍ଥାପନା କରାଯାଇଥିବା ବିଭିନ୍ନ ପ୍ରଶ୍ନର ଉତରରେ କହିଥିଲେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ବା ଆବଶ୍ୟକୀୟ ମରାମତି କାର୍ଯ୍ୟ ବାବଦରେ ସ୍ୱତନ୍ତ୍ର ଭାବେ ଧ୍ୟାନ ଦିଆଯାଇ କାର୍ଯ୍ୟ କରାଯିବ । ନିଗମର ନିଜସ୍ୱ କାର୍ଯ୍ୟ ବ୍ୟତିତ ଅନ୍ୟ ବିଭାଗ ଦ୍ୱାରା ଅତ୍ୟାବଶ୍ୟକ କାର୍ଯ୍ୟ କରାଯିବା ନିମନ୍ତେ ଜିଲ୍ଲାପାଳ ଏବଂ ପୂଜା କମିଟି, ଶାନ୍ତି କମିଟିର ମିଳିତ ବୈଠକରେ ଏ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇ କେଉଁ ରାସ୍ତା କାର୍ଯ୍ୟ କେଉଁ ବିଭାଗ କରିବ ସେଥିପାଇଁ ଜିଲ୍ଲାପାଳ ସମୁହ ତାଲିକା ପ୍ରଦାନ କରିଛନ୍ତି । ଆଜିର ବୈଠକରେ ସମସ୍ତ ବିଭାଗର ଅଧିକାରୀମାନଙ୍କୁ ଡ଼କାଯାଇଛି । ତେଣୁ ସମସ୍ତ ବିଭାଗ ମଧ୍ୟ ନିଜ ନିଜ ବିଭାଗ ଦ୍ୱାରା ଆବଶ୍ୟକୀୟ କାର୍ଯ୍ୟ ଦଶହରା ପୂର୍ବରୁ ସାରିବା ନିମନ୍ତେ ସମ୍ମତି ପ୍ରକାଶ କରିଛନ୍ତି । ଏତଦ୍‌ବ୍ୟତିତ ୱାର୍ଡ଼ରେ ଯାହା ଯାହା ଅତ୍ୟାବଶ୍ୟକ କାର୍ଯ୍ୟ ତାଲିକା ସମ୍ପୃକ୍ତ କର୍ପୋରେଟର ମାନେ ପ୍ରଦାନ କରିବା ପରେ ଅନୁଧ୍ୟାନ କରାଯାଇ ପଦକ୍ଷେପ ଗ୍ରହଣ କରାଯିବା ନିମନ୍ତେ ସୂଚନା ଦେଇଥିଲେ । ପ୍ରତ୍ୟେକ ୱାର୍ଡ଼କୁ ଅତିରିକ୍ତ ୩ ଜଣ ଲେଖାଏଁ କୁଲି ଯୋଗାଇ ଦିଆଯିବ ବୋଲି ଘୋଷଣା କରିବା ସହ ପ୍ରତ୍ୟେକ ୱାର୍ଡ଼ରୁ ଦୈନିକ ୪ ଟ୍ରାକ୍ଟର ଅଳିଆ ପରିବହନ ନିମନ୍ତେ ଚେଷ୍ଟା ଜାରି ରହିବ । ସ୍ୱାସ୍ଥ୍ୟ କମିଟି ଦ୍ୱାରା ପାରିତ ସମସ୍ତ ପୂଜା ମଣ୍ଡପ ପାଇଁ ଡ଼ଷ୍ଟବିନ୍, ବ୍ଲିଚିଂ, ଚୁନ ଆଦି ଯୋଗାଇ ଦିଆଯିବା ସହିତ ଜଳ ଯୋଗାଣ ଏବଂ ଆଲୋକୀକରଣର ବ୍ୟବସ୍ଥା କରାଯିବାକୁ ସୂଚନା ଦେଇଥିଲେ ।

**ଏହା ପରେ ବୈଠକର ଉପରୋକ୍ତ ଆଲୋଚନା ଅନୁଯାୟୀ ନମ୍ନଲିଖିତ ନିଷ୍ପତି ଗୁଡ଼ିକ ସର୍ବସମତି କ୍ରମେ ପାରିତ କରାଗଲା ।**

୧. ପ୍ରତ୍ୟେକ ୱାର୍ଡ଼କୁ ୩ ଜଣ ଲେଖାଏଁ ଅତିରିକ୍ତ କୁଲି ଏବଂ ଦୁଇ ଜଣ ଲେଖାଏଁ ସୁଇପର ଏକ ମାସ ପାଇଁ ସର୍ଭିସ ପ୍ରୋଭାଇଡ଼ର ମାଧ୍ୟମରେ ଯୋଗାଇଦେବା ନିମନ୍ତେ ସ୍ଥିର କରାଗଲା ।

୨. ଆସନ୍ତା ଦଶହରା ନିମନ୍ତେ ନିଗମର ସମସ୍ତ ୱାର୍ଡ଼ ଗୁଡ଼ିକରେ ଦୁଇ ଓଲି ସଫେଇ କରଣ କରାଯିବାକୁ ସ୍ଥିର କରାଗଲା ଏବଂ ପ୍ରତ୍ୟେକ ୱାର୍ଡ଼ରେ ଦୈନିକ ୪ ଟ୍ରିପ ଅଳିଆ ଆବର୍ଜନା ପରିବହନ କରାଯିବା ନିମନ୍ତେ ଟ୍ରାକ୍ଟର ଯୋଗାଇଦେବାକୁ ସ୍ଥିର କରାଗଲା ।

୩. ଆସନ୍ତା ଦଶହରାକୁ ଦୃଷ୍ଟିରେ ରଖାଯାଇ ପ୍ରତ୍ୟେକ ୱାର୍ଡ଼ରେ ଗଛ କଟାଯିବା ନିମନ୍ତେ ବ୍ରସ କଟର ଯୋଗାଇଦେବାକୁ ସ୍ଥିର କରାଗଲା ।

୪. ଆସନ୍ତା ଦୁର୍ଗାପୂଜା ନିମନ୍ତେ ସମସ୍ତ ପୂଜା ମଣ୍ଡପ ନିମନ୍ତେ ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ଜରୁରୀକାଳୀନ ଭିତିରେ ଆବଶ୍ୟକ ଡ଼ଷ୍ଟବିନ, ଚୂନ, ବ୍ଲିଚିଂ ଯୋଗାଇ ଦେବା ନିମନ୍ତେ ନିଷ୍ପତି ଗ୍ରହଣ କରାଗଲା ।

୫. ଆସନ୍ତା ଦଶହରାକୁ ଦୃଷ୍ଟିରେ ରଖାଯାଇ ନିଗମର ବୈଦ୍ୟୁତିକ ବିଭାଗ ଦ୍ୱାରା ନିଗମ ଅଂଚଳରେ ରାସ୍ତାଲୋକ, ମରାମତି ତଥା ବୈଦ୍ୟୁତିକ କାର୍ଯ୍ୟ ଯଥାଶିଘ୍ର କରାଯିବାକୁ ନିଷ୍ପତି ଗ୍ରହଣ କରାଗଲା ।

ସର୍ବଶେଷରେ ଉପସ୍ଥିତ ସଦସ୍ୟ / ସଦସ୍ୟାମାନେ ବୈଠକର ଉପର ବର୍ଣ୍ଣିତ ଆଲୋଚନାରେ ଅଂଶ ଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ମାନ୍ୟବର ଡେପୁଟି ମେୟର ଶ୍ରୀଯୁକ୍ତ ଅଜୟ କୁମାର ବାରିକ ଧନ୍ୟବାଦ ଜ୍ଞାପନ କରିବା ପରେ ସଭା ସାଙ୍ଗ କରାଯାଇଥିଲା ।

ମୀନାକ୍ଷୀ ବେହେରା)
ମେୟର
କଟକ ମହାନଗର ନିଗମ

ଜ୍ଞାପକ ସଂ .............. ତା ...................

ଏହାର ଏକ କିତା ନକଲ ନିର୍ଦ୍ଦେଶକ, ପୌର ପ୍ରଶାସନ ଏବଂ ପଦ ପ୍ରଯୁକ୍ତ ଅତିରିକ୍ତ ଶାସନ ସଚିବ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର / ସଚୀବ, ରାଜସ୍ୱ କମିଶନର (କେନ୍ଦ୍ରାଂଚଳ), କଟକ / ଜିଲ୍ଲାପାଳ, କଟକଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ପରିସଂଖ୍ୟାନ ଅଧିକାରୀ
କଟକ ମହାନଗର ନିଗମ, କଟକ

ଜ୍ଞାପକ ସଂ .............. ତା ...................

ଏହାର ଏକ କିତା ନକଲ କଟକ ମହାନଗର ନିଗମର ସମସ୍ତ କର୍ପୋରେଟର ମାନଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ପରିସଂଖ୍ୟାନ ଅଧିକାରୀ
କଟକ ମହାନଗର ନିଗମ, କଟକ

ଜ୍ଞାପକ ସଂ .............. ତା ...................

ଏହାର ଏକ କିତା ନକଲ କମିଶନର / ଅତିରିକ୍ତ କମିଶନର-୧ / ଅତିରିକ୍ତ କମିଶନର-୨ / ଯୁଗ୍ମ ଆୟୁକ୍ତ / ଡ଼େପୁଟି କମିଶନର-୧,୨ / ଡ଼େପୁଟି କମିଶନର-୩ ଓ ୪ / ନଗର ଯନ୍ତ୍ରୀ / ନିର୍ବାହୀ ଯନ୍ତ୍ରୀ (୧ ଓ ୨) / ବିତ ଅଧିକାରୀ / ସଚିବ / ରିକଭରୀ ଅଫିସର / ନଗର ସ୍ୱାସ୍ଥ୍ୟ ଅଧିକାରୀ / ଉପ ନିର୍ବାହୀ ଯନ୍ତ୍ରୀ ସମସ୍ତ ସହକାରୀ ନିର୍ବାହୀ ଯନ୍ତ୍ରୀ /ସମସ୍ତ ସହକାରୀ ଯନ୍ତ୍ରୀ / ସମସ୍ତ କନିଷ୍ଠ ଯନ୍ତ୍ରୀଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ପରିସଂଖ୍ୟାନ ଅଧିକାରୀ
କଟକ ମହାନଗର ନିଗମ, କଟକ

ଜ୍ଞାପକ ସଂ .............. ତା ...................

ଏହାର ଏକ କିତା ନକଲ ଡ଼େପୁଟି ମେୟର / ମେୟରଙ୍କ ସହାୟକ ଏବଂ ନିଗମର ସମସ୍ତ ବିଭାଗୀୟ ମୁଖ୍ୟ ସହାୟକଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ପରିସଂଖ୍ୟାନ ଅଧିକାରୀ
କଟକ ମହାନଗର ନିଗମ, କଟକ

ଜ୍ଞାପକ ସଂ .............. ତା ...................

ଏହାର ଏକ କିତା ନକଲ ନିଗମର ୱେବ ସାଇଟରେ ଛଡ଼ାଯିବାକୁ. ଏମ୍ ଆଇଏସ୍ ସେଲ କୁ ପ୍ରଦାନ କରାଗଲା ।

ପରିସଂଖ୍ୟାନ ଅଧିକାରୀ
କଟକ ମହାନଗର ନିଗମ, କଟକ